ପ୍ରେସ୍ ନୋଟ

## ସରକାରୀ ଶିଶୁ ଯତ୍ନ ଅନୁଷ୍ଠାନ - "ଉତ୍କଳ ବାଳାଶ୍ରମ" ଅନୁଗୋଳର ଶୁଭ ଉଦଘାଟନ ।

ଅନୁଗୋଳ ତା. ୨୭.୦୩ :- ଶିଶୁ ସମାଜର ଅମୂଲ୍ୟ ମାନବ ସମ୍ବଳ । ମହିଳା ଓ ଶିଶୁ ବିକାଶ ବିଭାଗ ବିଭିନ୍ନ ପ୍ରକାର ଉନ୍ନତିମୂଳକ ପଦକ୍ଷେପ ମାଧ୍ୟମରେ ଶିଶୁମାନଙ୍କର ବିକାଶ ଏବଂ ସୁରକ୍ଷା ନିମନ୍ତେ ଯୋଜନାମାନ କାର୍ଯ୍ୟକାରୀ କରିଆସୁଛନ୍ତି । ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଶିଶୁମାନଂକୁ ଅସୁରକ୍ଷିତ ବଳୟ ମଧ୍ୟରୁ ଉଦ୍ଧାର କରି ସୁରକ୍ଷିତ ବଳୟ ମଧ୍ୟରେ ବଞ୍ଚିବା ଏବଂ ବିକାଶ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା । ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ତଥା ଅସୁରକ୍ଷିତ ଓ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଶିଶୁମାନଙ୍କ ପାଇଁ ଯତ୍ନ ଓ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆନୁଷ୍ଠାନିକ ବ୍ୟବସ୍ଥା ଅନ୍ୟତମ । ଏଥି ନିମନ୍ତେ ଏକ ସରକାରୀ ଶିଶୁ ଯତ୍ନ ଅନୁଷ୍ଠାନ "ଉତ୍କଳ ବାଳାଶ୍ରମ" ଅନୁଗୋଳ ଅନୁମୋଦିତ ହୋଇଅଛି । ଏହି ବାଳାଶ୍ରମଟି ଆଜି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ କରକମଳରେ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ବାଳାଶ୍ରମର ସମ୍ପୂର୍ଣ୍ଣ ସୁରକ୍ଷା ନିମନ୍ତେ ସେ ଉପସ୍ଥିତ ଥିବା ଆରକ୍ଷୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ, ତତ୍ ସଙ୍ଗେ ସଙ୍ଗେ ବାଳାଶ୍ରମ ପରିସରରେ ଜରାଜିର୍ଣ୍ଣ ଅବସ୍ଥାରେ ଥିବା ବିପଦପୂର୍ଣ୍ଣ ଗୃହଗୁଡିକ ଭାଙ୍ଗି ନୂତନ ଗୃହ ନିର୍ମାଣ ଓ ପୁର୍ଣ୍ଣ ଆଲୋକିକରଣ କରିବା ପାଇଁ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଲଳିତ ମୋହନ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଉଦଘାଟନି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ କର୍ଣ୍ଣ ମୁର୍ମୁ, ଶିଶୁ ମଙ୍ଗଳ କାର୍ଯ୍ୟ ତୁଲାଇବା ପାଇଁ ଅତିରିକ୍ତ ଦାୟିତ୍ୱ ପାଇଥିବା ଢେଙ୍କାନାଳ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଶ୍ରୀ ପୁଷ୍ପକ ତ୍ରିପାଠୀ,ଜିଲ୍ଲା ଅବକାରୀ ଅଧିକ୍ଷକ ଶ୍ରୀମତୀ ମଧୁସ୍ମିତା ନାୟକ,ଅନୁଗୋଳ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଶ୍ରୀ ସଂଜିବ କର, ଚାଇଲ୍ଡ ଲାଇନ୍ ଅନୁଗୋଳ ଓ ପାଳଲହଡାର ସଦସ/ସଦସ୍ୟାଗଣ, ଆଦୃତା ଶିଶୁ ସଦନର ଶିଶୁ ମାନେ ଓ ଅନ୍ୟ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀ ଶଙ୍କର ବେହେରାଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ କରାଯାଇଥିଲା ।

OPPO Reno7 5G
2023.03.27 20:10


ବାଳାଶ୍ରମ, ଅନୁଗୋଳ ର
ଶୁଭ ଉଦ୍‌ଘାଟନ
ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ
(ଭା.ପ୍ର.ସେ.)
ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ, ଅନୁଗୋଳ
ସମ୍ମାନୀତ ଅତିଥି
ଶ୍ରୀଯୁକ୍ତ ସୁଧାଂଶୁ ଶେଖର ମିଶ୍ର
(ଭା.ପୋ.ସେ.)
ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଅନୁଗୋଳ
ଶ୍ରୀଯୁକ୍ତ ଲଳିତ ମୋହନ ବେହେରା
(ଓ.ପ୍ର.ସେ.)
ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅନୁଗୋଳ
ଗୌରୀ ଶଙ୍କର ବେହେରା
ସୁରକ୍ଷା ଅଧିକାରୀ, ଅନୁଗୋଳ ଙ୍କ ଉପସ୍ଥିତିରେ
ତା- ୨୭ ମାର୍ଚ୍ଚ ୨୦୨୩
OFFICE ROOM

